## ସଂକ୍ଷେପରେ

### ତାଳଚେର ମାର୍ଶାଲ ଆର୍ଟସ୍ ଏକାଡେମୀକୁ ସଫଳତା

ତାଳଚେର,୧୬।୧୦(ନି.ପ୍ର.)- ଭଦ୍ରକ ଚରମ୍ପାସ୍ଥିତ ମହାବୀର ଭବନ ଠାରେ ଅନୁଷ୍ଠିତ ୩୩ତମ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ଚାମ୍ପିୟନଶିପ୍‌ରେ ତାଳଚେର ମାର୍ଶାଲ ଆର୍ଟସ୍ ଏକାଡେମୀର ପ୍ରତିଯୋଗୀମାନେ କୃତିତ୍ୱ ହାସଲ କରିଛନ୍ତି। ସେମାନେ ହେଲେ ପୁଲକ କୁମାର କ୍ରିଷ୍ଣା, ଦେବଦୀପ ପ୍ରଧାନ, ନିବେଦିତା ରାଉତ, ଓମ୍ ପ୍ରକାଶ, ସୁମିତ ମିତ୍ର, ବୀର ପ୍ରତାପ ଗୌର, ସୌମ୍ୟ ଦେବ୍, ପି. ଈଶାଶ୍ରୀ, ଶାଶ୍ୱତ ଶାନ୍ତିସ୍ୱରୂପ ପତି, ପୃଥ୍ୱୀ ଗଡନାୟକ, ତନ୍ମୟୀ ପ୍ରଧାନ, ଅଶ୍ୱିନୀ ରାଏ, ଅନିର୍ବାଣ ପାଣି, ପି. ଜଗଦୀଶ, ଅମନ ଧରମ ବୀର ବିଶ୍ୱାଳ, ଆଦିତ୍ୟ ମହାରଣା, ପାବକ ପ୍ରସନ୍ନ ପାଣି, ଶୁଭେନ୍ଦୁ ପ୍ରଧାନ, ଯଶବନ୍ତ ଗୌର, ସ୍ମୃତିଶିଖା ସେନାପତି ଏବଂ ଶତାବ୍ଦୀ ସେଠୀ। କୋଚ୍ ସୁଶ୍ରୀ ମମିତା ରାଉତ ଏବଂ ଟିମ୍ ମ୍ୟାନେଜର ଅଜୟ କୁମାର ଦାସ ଓ ସୋନାଲି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି।

### ଟ୍ରାଫିକ ସମସ୍ୟା ନେଇ ବଢ଼ୁଛି ଅସନ୍ତୋଷ

ତାଳଚେର,୧୬।୧୦(ନି.ପ୍ର.)- ତାଳଚେର ମୁଖ୍ୟ ବଜାର ହାଟତୋଟା ଅଞ୍ଚଳରେ ଭୟଙ୍କର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ଓ ମଲ୍ ସମ୍ମୁଖ ରାସ୍ତା ଉଭୟ ପାର୍ଶ୍ୱରେ ଦୁଇ ଚକିଆ ଓ ଚାରି ଚକିଆଯାନ ଗୁଡିକ ରହୁଛି । ଫଳରେ ରାସ୍ତା ସଙ୍କୁଚିତ ହୋଇଯାଉଛି । ସହର ମଧ୍ୟକୁ ଯାତ୍ରୀବାହୀ ବସ୍ ପ୍ରବେଶ କଲେ ଏହି ସମସ୍ୟା ଗୁରୁତର ହୋଇପଡୁଛି। ଏବେ ପାର୍ବଣ ସମୟରେ ମାର୍କେଟ କମ୍ପ୍ଲେକ୍ସ ଓ ମଲ୍ ଭିତରରେ ପାର୍କିଂ ପାଇଁ ସ୍ଥାନ ନ ଥିବା ବେଳେ ବାଇକ୍‌ଗୁଡ଼ିକ ରାସ୍ତା ଉପରେ ରହୁଛି। ତେଣୁ ଏପରି ମଲ୍‌ଗୁଡ଼ିକୁ ପ୍ରଶାସନ, ବିଭାଗୀୟ କର୍ତ୍ତୃପକ୍ଷ କିଭଳି ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### କର୍ମଚାରୀଙ୍କ ଆନ୍ଦୋଳନ, ସଫେଇ ଠପ୍

ତାଳଚେର,୧୬।୧୦(ନି.ପ୍ର.)- ତାଳଚେର ପୌର ପରିଷଦରେ କାର୍ଯ୍ୟରତ ଝାଡୁଦାରମାନଙ୍କୁ ଦରମା ମିଳି ନ ଥିବାରୁ ମଙ୍ଗଳବାର ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ସହରରେ କୁଢ କୁଢ଼ ଅଳିଆ ଗଦା ହୋଇ ରହିଛି। ପୌରପରିଷଦ ଅଧୀନରେ ଶହେରୁ ଊର୍ଦ୍ଧ୍ୱ ଝାଡୁଦାର କାମ କରୁଛନ୍ତି। ଦଶହରା ସମୟରେ ସେମାନଙ୍କୁ ଠିକାଦାର ମଜୁରି ଦେଇ ନାହାନ୍ତି। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ସମସ୍ତ ଠିକାଶ୍ରମିକ କାମବନ୍ଦ ଆନ୍ଦୋଳନ କରିଛନ୍ତି । ପାର୍ବଣ ସମୟରେ ସହର ଯାକ ଅଳିଆ ଜମାହୋଇ ରହିଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଅପରପକ୍ଷରେ ଛୁଟି ଯୋଗୁ ଠିକାଦାର ବ୍ୟାଙ୍କରୁ ଟଙ୍କା ଆଣି ପାରି ନ ଥିବାରୁ ମଜୁରି ଦିଆ ଯାଇ ନ ଥିବା କୁହାଯାଉଛି।

### ତିଳେଶ୍ୱର, ପରଗୋଲପୁର ବିଜୟୀ

ବଇଣ୍ଡା,୧୬।୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ପତକା ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ଅଷ୍ଟକିଳା ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୨ ଟି ମ୍ୟାଚରେ ତିଳେଶ୍ୱର, ପରଗୋଲପୁର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଜିଆଁକଟା ଏବଂ ତିଳେଶ୍ୱର ମଧ୍ୟରେ ଖେଳାଯାଇଥିଲା। ଏଥିରେ ତିଳେଶ୍ୱର ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ୨ୟ ମ୍ୟାଚ୍ ପତକା ସହିତ ପରଗୋଲପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ପରଗୋଲପୁର ୨-୦ ଗୋଲରେ ବିଜୟୀ ହୋଇଥିଲା। ଶଶିକାନ୍ତ ଦାଶିଆ, ଅନିଲ କୁମାର ସାହୁ, ପପୁନ କଅଁର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ଜନସମ୍ପର୍କ ପଦଯାତ୍ରା

ଛେଣ୍ଡିପଦା,୧୬।୧୦(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ରାଇଝରଣ, କଙ୍କରେଇ, ନିଶା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମ ପରିକ୍ରମା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ବିଜେଡି ଯୁବ ସଭାପତି ଦୀନେଶ ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ସାହୁ, ବିଜୟ କୁମାର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

■ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

# ନର୍ସିଂହୋମ୍‌ରେ ଭଙ୍ଗାରୁଜା, ରାସ୍ତା ଅବରୋଧ

■ଆସବାବପତ୍ର ରାସ୍ତା ଉପରେ ରଖି ଜାଳିଦେଲେ
■ପୋଲିସ ଗାଡ଼ିରୁ ଭିଡ଼ିଆଣି ଫାର୍ମାସିଷ୍ଟଙ୍କୁ ପିଟିଲେ
■୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ପରେ ଆନ୍ଦୋଳନ ହଟିଲା

ଅନୁଗୋଳ ଅଫିସ,୧୬।୧୦

ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏକ ଘରୋଇ ନର୍ସିଂହୋମକୁ ଆସିଥିବା ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ମଧ୍ୟାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଗୋଳ ହୁଲୁରିସିଂହାଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ସମ୍ପର୍କୀୟମାନେ ନର୍ସିଂହୋମ୍‌ରେ ଭଙ୍ଗାରୁଜା କରିବା ସହ ଆସବାବପତ୍ର ରାସ୍ତା ଉପରକୁ ଆଣି ଜାଳି ଦେଇଥିଲେ। ଏପରି କି ପୋଲିସ ଗାଡ଼ି ଭିତରୁ ଫାର୍ମାସିଷ୍ଟଙ୍କୁ ଟାଣି ଆଣି ନିଧୁକ ମାଡ଼ ମାରିଥିଲେ। ଏଥିସହ ସେମାନେ ପିଟିସିରୁ ହୁଲୁରିସିଂହା ଯାଇଥିବା ବାଇପାସ୍ ରୋଡକୁ ଅବରୋଧ କରିଥିଲେ। ସମ୍ପୃକ୍ତ ଡାକ୍ତର ଓ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଉତ୍ତ୍ୟକ୍ତ ଲୋକେ ଅଡ଼ି ବସିଥିଲେ। ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ଏପରି ଅବହେଳା ସମ୍ପର୍କରେ ମୃତକଙ୍କ ସମ୍ପର୍କୀୟ ଅନୁଗୋଳ ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ନଂ. ୭୧୨/୧୮ରେ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ଜଗି ରହିଥିଲା। ପରେ ନର୍ସିଂହୋମ୍ କର୍ତ୍ତୃପକ୍ଷ କ୍ଷତିପୂରଣ ସ୍ୱରୂପ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଚେକ୍ ଦେବା ପରେ ରାତି ୧୦ଟାରେ ଆନ୍ଦୋଳନ ହଟିଥିଲା।

ଅଭିଯୋଗରୁ ପ୍ରକାଶ ଯେ, ଅନୁଗୋଳ ହାକିମପଡ଼ାର ପ୍ରଦୀପ ପ୍ରଧାନ(୫୬) ଥଣ୍ଡା ଓ ଜ୍ୱରରେ ପୀଡ଼ିତ ଥିଲେ। କଫ ଜମିଥିବାରୁ ସେ ସକାଳେ ଜଣେ ଡାକ୍ତରଙ୍କ କ୍ଲିନିକ୍‌କୁ ଯାଇଥିଲେ। ସମ୍ପୃକ୍ତ ଡାକ୍ତର ପ୍ରେସ୍କ୍ରିପଶନ ଧରାଇ ପ୍ରଦୀପଙ୍କୁ ହୁଲୁରିସିଂହା ଠାରେ ଥିବା ଏକ ନର୍ସିଂହୋମ୍‌କୁ ପଠାଇ ଦେଇଥିଲେ। ସେଠାରେ ସମ୍ପୃକ୍ତ ଡାକ୍ତରଙ୍କ ଚିଠା ଅନୁସାରେ ଚିକିତ୍ସା କରାଯାଇଥିଲା। ଇସିଜି ସହ ତାଙ୍କୁ ଏକ ଇଞ୍ଜେକଶନ ଦିଆଯାଇଥିଲା। ହେଲେ ତାହା ଦିଆଯିବା ପରେ ପ୍ରଦୀପଙ୍କ ଶରୀରରେ ପ୍ରତିକ୍ରିୟା ଦେଖାଦେଇଥିଲା। ଦେହ ସାରା ଛୋଟ ଛୋଟ ଫଳି ଯାଇଥିଲା। ଖବର ପାଇ ସମ୍ପୃକ୍ତ ଡାକ୍ତର ଅପରାହ୍ନ ସାଢ଼େ ଗୋଟାଏରେ ପହଞ୍ଚି ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିବା ସେ କହିଥିଲେ। କିନ୍ତୁ ଏହାକୁ ସମ୍ପର୍କୀୟମାନେ ଗ୍ରହଣ କରିପାରି ନ ଥିଲେ। ଇସିଜି ରିପୋର୍ଟ ନର୍ମାଲ ଥିବାବେଳେ ଅନ୍ୟ କୌଣସି ରୋଗ ପୂର୍ବରୁ ନ ଥିଲା। ତେଣୁ ହୃଦ୍‌ଘାତରେ କିପରି ମୃତ୍ୟୁ ହେଲା ବୋଲି ସମ୍ପର୍କୀୟମାନେ ପ୍ରଶ୍ନ କରିବାରୁ ଡାକ୍ତର ଜଣକ ସେଠାରୁ ଚାଲିଯାଇଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସା ଅବହେଳାକୁ ଉକ୍ତ ନର୍ସିଂହୋମ୍‌ର ମାଲିକ ସ୍ୱୀକାର କରିଥିଲେ ବି ଓ ଲିଖିତ ଭାବେ ଦେଇଥିଲେ ମଧ୍ୟ ସମ୍ପର୍କୀୟମାନେ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ଉକ୍ତ ଚିକିତ୍ସାଳୟରେ ଭଙ୍ଗାରୁଜା କରିଥିଲେ। ଏପରି କି ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିବା ପୋଲିସ ଇସିଜି କରିଥିବା ଫାର୍ମାସିଷ୍ଟଙ୍କୁ ଗାଡ଼ିରେ ନେଇ ଥାନାକୁ ପଳାଇ ଯାଉଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଫାର୍ମାସିଷ୍ଟଙ୍କୁ ଭିଡ଼ିଆଣି ମାଡ଼ ମାରିଥିଲେ। ପରେ ସେମାନେ ଆସବାବପତ୍ର ରାସ୍ତା ଉପରେ ପକାଇ ନିଆଁ ଲଗାଇ ଦେଇଥିଲେ। ଏଥିସହ ଡାକ୍ତର ଓ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପର୍ଯ୍ୟନ୍ତ ମୃତଦେହ ଛଡ଼ାଯିବ ନାହିଁ ବୋଲି ଜିଦ୍ ଧରି ରାସ୍ତାରୋକୋ କରିଥିଲେ। ଉତ୍ତେଜନାକୁ ଦେଖି ନର୍ସିଂହୋମ ମାଲିକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ଅନୁଗୋଳ ଥାନା ଆଇଆଇସି ରମେଶ ଚନ୍ଦ୍ର ବିଶୋଇ ଓ ଅତିରିକ୍ତ ତହସିଲଦାର ବିମଳ କୁମାର ଲେଙ୍କାଙ୍କ ଉପସ୍ଥିତିରେ ଉଭୟ ପକ୍ଷ ବସି ଘଟଣାର ସମାଧାନ କରିଥିଲେ। ନର୍ସିଂହୋମ ମାଲିକଙ୍କ ସ୍ତ୍ରୀ କ୍ଷତିପୂରଣ ଚେକ୍ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

ଏ ସମ୍ପର୍କରେ ଉକ୍ତ ନର୍ସିଂହୋମ ମାଲିକ କହିଛନ୍ତି, ଡାକ୍ତର ଚିକିତ୍ସା କରିବା ପରେ ରୋଗୀଙ୍କ ମୃତ୍ୟୁ ହୋଇଛି। ନର୍ସିଂହୋମ କର୍ତ୍ତୃପକ୍ଷଙ୍କ କୌଣସି ଦୋଷ ନାହିଁ। ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି, ମାସିଭ୍ ହାର୍ଟ ଆଟାକ୍ କାରଣରୁ ପ୍ରଦୀପଙ୍କ ମୃତ୍ୟୁ ହୋଇଛି। ଏପରି ମୃତ୍ୟୁ ହେଲେ ରୋଗୀ ଦେହରେ ଫଳି ଯାଇଥାଏ ବୋଲି ସେ କହିଛନ୍ତି।


ନର୍ସିଂହୋମ୍ ସମ୍ମୁଖରେ ମୃତକଙ୍କ ସମ୍ପର୍କୀୟ ଆନ୍ଦୋଳନ କରୁଛନ୍ତି।

**ଡାକ୍ତର, ଫାର୍ମାସିଷ୍ଟ ସରକାରୀ ମେଡିକାଲର**

ସରକାରୀ ମେଡିକାଲରେ ନିଯୁକ୍ତ ହୋଇଥିବା ସତ୍ତ୍ୱେ ସମ୍ପୃକ୍ତ ଡାକ୍ତର ଓ ଫାର୍ମାସିଷ୍ଟ ଉକ୍ତ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା ସେବା ଯୋଗାଉଥିଲେ। ଫାର୍ମାସିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରୁଥିବା ବେଳେ ଡାକ୍ତର ପାଲଲହଡ଼ା ଉପଖଣ୍ଡର ଏକ ହସ୍‌ପିଟାଲରେ ନିଯୁକ୍ତି ପାଇଛନ୍ତି। କିନ୍ତୁ ଅଧିକ ଅର୍ଥ ଲୋଭରେ ଦୁହେଁ ସେଠାରେ ଅଳ୍ପ ସମୟ ରହି ଘରୋଇ ଚିକିତ୍ସାକେନ୍ଦ୍ରକୁ ଚାଲିଆସନ୍ତି ବୋଲି କୁହାଯାଉଛି। ଡାକ୍ତର ଜଣକ ଗୁରୁବାର ଓ ଶୁକ୍ରବାର ଉପଖଣ୍ଡ ଅଞ୍ଚଳରେ ରହୁଥିବା ବେଳେ ଅନ୍ୟଦିନରେ ଅନୁଗୋଳର ବିଭିନ୍ନ ନର୍ସିଂହୋମ୍‌ରେ ଆସି ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଭାରପ୍ରାପ୍ତ ସିଡିଏମ୍‌ଓ ତ୍ରିଲୋଚନ ପ୍ରଧାନ କହିଛନ୍ତି, ସରକାରୀ ଡାକ୍ତରଖାନା ଛାଡ଼ି ନର୍ସିଂହୋମ୍‌ରେ ଡାକ୍ତରମାନେ ଚିକିତ୍ସା କରୁଥିବା ଦେଖାଯାଉଛି।

### ତିତ୍‌ଲି ଭାଙ୍ଗିଛି ୧୦୩ ଘର

ଅନୁଗୋଳ ଅଫିସ,୧୬।୧୦

ତିତ୍‌ଲି ପ୍ରଭାବରେ ଅନୁଗୋଳ ଜିଲାର ଦୁଇଟି ବ୍ଲକରେ ୫୫ ଗାଁ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ ଲୋକଙ୍କ ଜୀବନ ଯାଇଥିବା ବେଳେ କେହି ଗୁରୁତର ହୋଇନାହାନ୍ତି। ସେହିପରି ବାତ୍ୟା ଓ ବର୍ଷାରେ ୧୦୩ଟି ଘର ଭାଙ୍ଗିଛି। କିନ୍ତୁ ଫସଲ କ୍ଷୟକ୍ଷତି ହୋଇ ନ ଥିବା ଜିଲା ପ୍ରଶାସନ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବାତ୍ୟା ପୂର୍ବରୁ ତଳିଆ ଅଞ୍ଚଳରୁ ୩୧୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ୩ଟି ସ୍ଥାନରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ୩୧୫ ଜଣଙ୍କୁ ବିଭିନ୍ନ ସରକାରୀ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ଲୋକଙ୍କୁ ୧୦୯ କିଲୋଗ୍ରାମ ଚୁଡ଼ା, ୧୦ କେଜି ଚିନି ଓ ୬୦ ପ୍ୟାକେଟ ବିସ୍କୁଟ ପ୍ରଦାନ କରାଯାଇଛି। ବାତ୍ୟା ସମୟରେ ଅନୁଗୋଳ ଅଙ୍ଗାରବନ୍ଧ ଅଞ୍ଚଳର ସମ୍ପେଇ ଦାସ ନାଳରେ ଭାସିଯାଇ ପ୍ରାଣ ହରାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷରେ ଜିଲା ପ୍ରଶାସନର ଏହି ରିପୋର୍ଟକୁ ନେଇ ପ୍ରଭାବିତ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନୁଗୋଳରେ ବାତ୍ୟା ପ୍ରଭାବରେ ହୋଇଥିବା ବନ୍ୟାରେ ଶହ ଶହ ଏକର ଫସଲ ନଷ୍ଟ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଛେଣ୍ଡିପଦା,୧୬।୧୦ (ସ୍ୱ.ପ୍ର)

ଛେଣ୍ଡିପଦା ଥାନା ପିପଳବାହାଲ ଗ୍ରାମର ଦୁଃଖବନ୍ଧୁ ସେଠୀଙ୍କ ପୁଅ କାର୍ତ୍ତିକ ସେଠୀ(୨୮) ସୋମବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୋଲିସ କହିଛି, କାର୍ତ୍ତିକ ବିଳମ୍ବିତ ରାତିରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର



ଅନୁଗୋଳ ଅଫିସ,୧୬।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୩ ତମ ଜନ୍ମ ଦିବସ ଅବସରରେ ଜୀବନ ବିନ୍ଦୁ ପକ୍ଷରୁ ଏକ ରକ୍ତଦାନ ଶିବିର ତାମଡା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତାମଡା ଅଧ୍ୟକ୍ଷ ତଥା ଜୀବନ ବିନ୍ଦୁର ଅନୁଗୋଳ ଜିଲା ସଂଯୋଜକ ଶକ୍ତିପ୍ରସାଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ବ୍ଲକ ଓ ପୌରାଞ୍ଚଳ ଏବଂ ବଣ୍ଡରପାଳ ବ୍ଲକର ବହୁ ବ୍ୟକ୍ତି ଯୋଗଦେଇ ରକ୍ତଦାନ କରିଥିଲେ। ଶିବିରରେ ମୋଟ୍ ୭୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅନୁଗୋଳ ରକ୍ତ ଭଣ୍ଡାରର ଡାକ୍ତର କେ.ଏସ୍.କେ. ବିଶୋଇ ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ସାଧାରଣ ସମ୍ପାଦକ ଚନ୍ଦନ କୁମାର ସାହୁ, ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ନାଏବ ସରପଞ୍ଚ ସୁଶାନ୍ତ ସାହୁ, ମନୁ ରାଉତରାୟ, ଅନାଥ ସାହୁ, ଦୁଷ୍ମନ୍ତ ସାହୁ, ଚନ୍ଦନ ନନ୍ଦ, ଧୀର କୁମାର ସାହୁ, ଗାଙ୍ଗୁଲି ସାହୁ, ବଳରାମ ସାହୁ, ଦିଲୀପ ସାହୁ, ମମତା ମାଝି, ପଦ୍ମନାଭ ସାହୁ, ସୁନିଲ ସାହୁ, ପ୍ରଶାନ୍ତ ସାହୁ, ସପେନ୍ଦ୍ର ସାହୁ, କମଳାକାନ୍ତ ସାହୁ, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

ଆଠମଲ୍ଲିକ,୧୬।୧୦ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପୁରୁଣାମାଣତ୍ରୀ ପଞ୍ଚାୟତ ମାଳିପଦର- ନୁଆଗଡ ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ ଫଳକକୁ ମଙ୍ଗଳବାର କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏହି ଘଟଣାକୁ ନେଇ ବିଧାୟକ ସଞ୍ଜୀବ ସାହୁଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେଡି ଯୁବନେତା ପିନା ପାଣିଗ୍ରାହୀ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ବିଧାୟକଙ୍କ ପ୍ରତିନିଧି ସଚ୍ଚିଦାନନ୍ଦ ମହାନ୍ତି, ଜିଲା ପରିଷଦ ସଭ୍ୟା ମମତା ମହାକୁଡ, ରାମଚନ୍ଦ୍ର ମହାକୁଡ, ବିଜୟାନନ୍ଦ ପ୍ରଧାନ, ପରମାନନ୍ଦ ବଘାର, ବିଜେଡି ବ୍ଲକ ସଭାପତି ମହେଶ୍ୱର ଦେହୁରୀ ପ୍ରମୁଖ ଏହି ଘଟଣାକୁ ଦୃଢ ନିନ୍ଦା କରିଛନ୍ତି। ଗତ ସୋମବାର ଗୋପାଳପୁର ଛକଠାରେ ବିଧାୟକ ସଞ୍ଜୀବ କୁମାର ସାହୁ ଏହାର ଶୁଭ ଦେଇଥିଲେ।

## ତଳଗଡ, ବଲାସିଂହା କ୍ଷତିଗ୍ରସ୍ତଙ୍କୁ ଭେଟିଲେ ଏମ୍‌ପିଙ୍କ ପ୍ରତିନିଧି ଦଳ

ଅନୁଗୋଳ ଅଫିସ,୧୬।୧୦

ଅନୁଗୋଳ ବ୍ଲକ ତଳଗଡ ଓ ବଲାସିଂହା ପଞ୍ଚାୟତର ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ମଙ୍ଗଳବାର ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ବର୍ଷା ଜନିତ କ୍ଷୟକ୍ଷତି ସମ୍ପର୍କରେ ସେମାନେ ପଚାରି ବୁଝିବା ସହ ତୁରନ୍ତ ସରକାରୀ ସହାୟତା କିପରି ମିଳିପାରିବ ସେ ନେଇ ଜିଲା ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ତଳଗଡ ଗାଁର କ୍ଷତିଗ୍ରସ୍ତ ମୁଖ୍ୟ ରାସ୍ତା ମରାମତି କାର୍ଯ୍ୟର ତଦାରଖ କରିଥିଲେ। ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ, ଓ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିନିଧି ଦଳର ସଦସ୍ୟମାନେ କହିଥିଲେ। ସେହିପରି ତଳଗଡରେ ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ତଦାରଖ କରି ଏହି ପ୍ରତିନିଧି ଦଳ ଫେରିଥିଲେ। ଏହି ଟିମ୍‌ରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସଙ୍କ ସହ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ଯୁବନେତା ମାନସ ରଞ୍ଜନ ଦେହୁରୀ, ବସନ୍ତ ପ୍ରଧାନ, ସୁଶିଲ କୁମାର ସାହୁ, ବଲାସିଂହା ସରପଞ୍ଚ ଅଶୋକ ସାହୁ, ସମିତି ସଭ୍ୟା ସନ୍ଧ୍ୟାରାଣୀ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ଛେଳିଆପଡା ପୂର୍ବତନ ସରପଞ୍ଚ ଅଶୋକ ଦେହୁରୀ, ସୁଜନ ସାହୁ, ଦୀପକ ସାହୁ, ପ୍ରଦୀପ ସାହୁ, ସରୋଜ ସାହୁ, ମୃତ୍ୟୁଞ୍ଜୟ ସାହୁ, ମନୋଜ ଗଡନାୟକ, ଅନାଥ ସାହୁ, ନୂଆମୌଜା ବିଜୁ ଯୁବ ବାହିନୀ ସଭାପତି କେଦାର ପ୍ରଧାନ, ବିଶ୍ୱମ୍ଭର ଖୁଣ୍ଟିଆ, ସୁମନ୍ତ ପ୍ରଧାନ, ପିଣ୍ଟୁ ସାହୁ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ।


ରାସ୍ତା ମରାମତି କାର୍ଯ୍ୟର ତଦାରଖ କରୁଛନ୍ତି ପ୍ରତିନିଧି ଦଳ।

## ଆଜି ମହାଷ୍ଟମୀ, ସବୁଠି ଉତ୍ସବମୁଖର ପରିବେଶ


ଅମଲାପଡ଼ା ଦୁର୍ଗାପୂଜା ସମିତିର ଶିବଲିଙ୍ଗ ସଦୃଶ ତୋରଣ।


ଦୁର୍ଗାଶଙ୍କର ପୂଜା କମିଟି।

ଅନୁଗୋଳ ଅଫିସ,୧୬।୧୦

ଦୁର୍ଗାପୂଜା ପାଇଁ ଅନୁଗୋଳ ସହର ଉତ୍ସବମୁଖର ହୋଇପଡ଼ିଛି। ଗାଁ ଠାରୁ ସହରାଞ୍ଚଳ ଯାଏ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠୁଛି। ମଙ୍ଗଳବାର ସପ୍ତମୀ ପୂଜା ପାଇଁ ବିଭିନ୍ନ ମଣ୍ଡପରେ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ପାର୍ବଣ ମାହୋଲ ବୁଧବାର ଠାରୁ ଆରମ୍ଭ ହେବାକୁ ଥିବାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିସହ ଲୋକଙ୍କୁ ପ୍ରସାଦ ସେବନ କରିବାକୁ ଦିଆଯାଉଛି। ମଙ୍ଗଳବାରଠାରୁ ଏହା ଆରମ୍ଭ ହୋଇଥିବା ବେଳେ ଦଶହରା ପର୍ଯ୍ୟନ୍ତ ଚାଲିବ ବୋଲି କେତେଜଣ ଆୟୋଜକ କହିଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ କେତେକ ସ୍ଥାନରେ ଦହି ପଖାଳର ମଧ୍ୟ ବନ୍ଦୋବସ୍ତ କରାଯାଇଥିବା ବେଳେ ଖିରି କାକରା ବି ପରଷା ଯାଉଛି। ଅନୁଗୋଳ ହାଇସ୍କୁଲ ପଡ଼ିଆ ସମ୍ମୁଖରେ ମିନାବଜାର ପଡ଼ିଥିବାରୁ ସେଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।


ହେମସୁରପଡ଼ା ଦୁର୍ଗାପୂଜା କମିଟି।


ବସ୍ତ୍ରଖଣ୍ଡ ପୂଜା କମିଟି।


ଶିମିଳିପଡ଼ା ଦୁର୍ଗାପୂଜା କମିଟି।


ହୁଳୁରିସିଂହା ପୂଜା କମିଟି।

## ସଂକ୍ଷେପରେ

### ରାସ୍ତାରେ ବାଘୁଣୀ, ଫଟୋ ଭାଇରାଲ



**ବନ୍ତଲା, ୧୬।୧୦ (ଡି.ଏନ.ଏ):** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କୁ ଭୟଭୀତ କରି ରଖିଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀ ରବିବାର ପୁରୁଣାକୋଟ- ଟିକରପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଗୁଡ଼ଭଙ୍ଗା ନାଳ ନିକଟରେ ରାସ୍ତା ଉପରେ ଥିବାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କୌଣସି ପର୍ଯ୍ୟଟକ ଉଠାଇ ପୋଷ୍ଟ କରିଥିବା ଉକ୍ତ ଫଟୋ ଫେସ୍‌ବୁକ, ମେସେଞ୍ଜର ଓ ହ୍ୱାଟସ୍‌ଆପ୍‌ରେ ଘୂରିବୁଲୁଛି। ମଙ୍ଗଳବାର ଟିକରପଡ଼ା ରେଞ୍ଜ ଗନ୍ଧିଆଖଳି ଓ ରାମଗାଁ ନାଳ କଟରଙ୍ଗ ଘାଟ ମଝି ଜଙ୍ଗଲରେ ସୁନ୍ଦରୀ ରହିଥିବା ଜଣାପଡ଼ିଛି। ଟିକରପଡ଼ା ରେଞ୍ଜର ଜୟନ୍ତ ପଟ୍ଟନାୟକ ଓ ଡବ୍ଲ୍ୟୁଆଇଆଇର ୨ଟି ଟିମ୍ ବାଘୁଣୀକୁ ମନିଟରିଂ କରୁଛନ୍ତି। ଗୋରୁ ଛେଳି ଆଦି ଜଙ୍ଗଲ ପାଖକୁ ନ ଛାଡ଼ିବା ଓ ଜଙ୍ଗଲକୁ ଏକା ନ ଯିବାକୁ ବିଭାଗ ପକ୍ଷରୁ ନିକଟସ୍ଥ ଗ୍ରାମବାସୀଙ୍କୁ ସତର୍କ କରାଯାଇଛି। ଏ ନେଇ ସାତକୋଶିଆ ଡିଏଫ୍ଓ ଦାୟିତ୍ୱରେ ଥିବା ଅନୁଗୋଳ ଡିଏଫ୍ଓ ଭି. କାର୍ତ୍ତିକ କହିଛନ୍ତି, ଉକ୍ତ ଫଟୋରୁ ସ୍ପଷ୍ଟ କହିହେଉ ନାହିଁ। କିନ୍ତୁ ୧୪ ତାରିଖରେ ବାଘୁଣୀ ମଝିପଡ଼ାରୁ ହାତୀବାରି ଯାଇଥିବା ଜଣାପଡ଼ିଛି।

### ପକ୍କାରାସ୍ତା ନ ହେଲେ ୩୧ରୁ ଧାରଣା

ଅନୁଗୋଳ ଅଫିସ,୧୬।୧୦-ଅନୁଗୋଳ ବ୍ଲକ ମାଣିକଯୋଡି ପଞ୍ଚାୟତର ଜଙ୍ଗଲ ଅଧୁଷିତ କନ୍ଧକୋଇଲି, ସିଟିକୋଇଲି ଏବଂ ଶରଧାପୁର ପଞ୍ଚାୟତର ବେତର ଓ ଅନ୍ୟ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳଙ୍କୁ ଭେଟିଛନ୍ତି। ମାଣିକଯୋଡି ଠାରୁ ଲେମ୍ବୁତଇଲା ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ ଏବଂ ବେତର ଗ୍ରାମକୁ ଗମନାଗମନର ସୁବିଧା କରାଯିବାକୁ ନେଇ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ଆସନ୍ତା ୩୧ ତାରିଖଠାରୁ ଧାରଣା ଦିଆଯିବ ବୋଲି କନ୍ଧକୋଇଲି ଗ୍ରାମ ସଭାପତି କୁମୁଦ ପ୍ରଧାନଙ୍କ ସମେତ ଅକ୍ଷୟ ଦେହୁରୀ, ବୈରାଗୀ ଭୋଇ, ପ୍ରଦୀପ ଦେହୁରୀ, ହାଡିବନ୍ଧୁ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ମାଣିକଯୋଡିଠାରୁ ସିଟିକୋଇଲି ଓ କନ୍ଧକୋଇଲି ଦେଇ ଅନ୍ତୁଲିଆ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡିଛି। ଜଙ୍ଗଲ ଆଇନ୍ କଥା କହି ରାସ୍ତାକୁ ପକ୍କା କରାଯାଉନାହିଁ। ସେହିପରି ସରଧାପୁର ପଞ୍ଚାୟତର ବେତର ଗାଁକୁ ମଧ ଆଦୌ ରାସ୍ତା ନାହିଁ। ଏ ନେଇ୨୦୧୬ରେ ଗ୍ରାମବାସୀ ବିକ୍ଷୋଭ କରିବାରୁ ତତ୍କାଳୀନ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ୨୫ ମେ ୨୦୧୬ରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଗତ ୧୧ ଜାନୁୟାରୀ ୨୦୧୮ରେ ମଧ ଉପଜିଲାପାଳଙ୍କ ଉପସ୍ଥିତିରେ ପୁର୍ନବାର ଆଲୋଚନା ହୋଇଥିଲା। ହେଲେ ଅଦ୍ୟାବଧି ରାସ୍ତା ନିର୍ମାଣ କରାଯାଇ ନାହିଁ। ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଶୁଦ୍ଧ ଜଳ ଯୋଗାଇବା ସରକାରଙ୍କ ଲକ୍ଷ୍ୟ

ବଇଣ୍ଡା,୧୬।୧୦(ଡି.ଏନ.ଏ.)- ଗ୍ରାମାଞ୍ଚଳ ଲୋକଙ୍କୁ ଶୁଦ୍ଧ ଜଳ ଯୋଗାଣ ପାଇଁ ସରକାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ପ୍ରତ୍ୟେକ ପରିବାର ଯେପରି ବିଶୁଦ୍ଧ ପାନୀୟ ପାଇବେ ସେ ନେଇ ସରକାର ବହୁତ ସଚେତନ ବୋଲି ସୋମବାର କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତ ତୁରୁଡ଼ା ଗ୍ରାମରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭୂମିପୂଜା ଅବସରରେ ମୁଖ୍ୟଅତିଥି ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଏହା କହିଛନ୍ତି। ଆଠମଲ୍ଲିକ ଜଳ ଯୋଗାଣର କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ବବିତା ପ୍ରଧାନ, ସରପଞ୍ଚ ଲିଜାଲିନି ସାହୁ, ସମିତିସଭ୍ୟା ଲିଲିବାଳା ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ସାହୁ, ବିଜେଡି ନେତା ସ୍ୱାଧୀନ ବେହେରା, କୁମୁଦଚନ୍ଦ୍ର ପ୍ରଧାନ, ଭାରତ ଭୂଷଣ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ପରମାନନ୍ଦ ପ୍ରଧାନ, ସୋନୁ ସାହୁ, ସ୍ୱପ୍ନେଶ୍ୱର ପ୍ରଧାନ, ପଦ୍ମଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ।

■ସାତକୋଶିଆରେ ୮ ହଜାର ଗୋରୁ, ଛେଳି ରୋଗାକ୍ରାନ୍ତ

# ବିଶ୍ୱାସ ଅନୁଯାୟୀ ଫାଟୁଆ ବାଟେଇଲେ ବନବାସୀ

**ବନ୍ତଲା, ୧୬।୧୦ (ଡି.ଏନ.ଏ.)**

ଫାଟୁଆ ରୋଗରେ ଗୋରୁ ଓ ଛେଳି ଆକ୍ରାନ୍ତ ହେଲେ ଗାଁକୁ ଶନି ଆସିଥିବା ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟବାସୀଙ୍କ ବିଶ୍ୱାସ ରହିଛି। ତେଣୁ ଶନିଙ୍କ କୋପ ସହ ରୋଗ ଦୂର କରିବାକୁ ସେମାନେ ପରମ୍ପରା ଅନୁଯାୟୀ ବିଭିନ୍ନ ଠାକୁରାଣୀଙ୍କ ନିକଟରେ ପଣାପାଣି ଲଗାଇ ରୋଗାକ୍ରାନ୍ତ ଗୋରୁ ଓ ଛେଳିଙ୍କୁ ମନ୍ଦିର ବେଢ଼ା ଚାରିପଟେ ବୁଲାଇଥାନ୍ତି। ଏହାଦ୍ୱାରା ଫାଟୁଆ ରୋଗ ଗାଁରୁ ଦୂର ହୋଇଯାଇଥାଏ ବୋଲି ସେମାନଙ୍କ ଧାରଣା ରହିଆସିଛି। ଏପରି ବିଶ୍ୱାସର ପୂଜା ମଙ୍ଗଳବାର ଅଭୟାରଣ୍ୟ ଅଞ୍ଚଳରେ ଦେଖିବାକୁ ମିଳିଛି।

ଗତ ଦେଢ଼ ମାସ ମଧ୍ୟରେ ଅଭୟାରଣ୍ୟର ଜଗନ୍ନାଥପୁର, ତରଭା, ଟାକରିସିଙ୍ଗା, କୁଲାଙ୍ଗି, ହିଂସିରିଡ଼ା, ବୃତ୍ତି, ଅସନବାହାଳ, ବଡ଼କ୍ଷେତା, ପୁରୁଣାକୋଟ, ସାଲର ଆଦି ଗ୍ରାମରେ ୮ ହଜାରରୁ ଉର୍ଦ୍ଧ୍ୱ ଗୋରୁ ଓ ଛେଳି ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପଶୁ ସମ୍ପଦ ବିଭାଗ ପକ୍ଷରୁ କେବଳ ଜଗନ୍ନାଥପୁର ଗ୍ରାମରେ ଟିକାକରଣ କରାଯାଇଥିବା ବେଳେ ଅନ୍ୟ କୌଣସି ଗ୍ରାମରେ ଟିକାକରଣ କରାଯାଇ ନାହିଁ। ତଥାପି ଜଗନ୍ନାଥପୁର ଗ୍ରାମର ୪ ଶହ ଗୋରୁ ଓ ୬ ଶହରୁ ଉର୍ଦ୍ଧ୍ୱ ଛେଳି ଫାଟୁଆରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ତରଭା ଗ୍ରାମରେ ୫ ଶହ ଗୋରୁ ଓ ୩ ହଜାରରୁ ଉର୍ଦ୍ଧ୍ୱ ଛେଳି ରୋଗରେ ପଡ଼ିଛନ୍ତି। ତେଣୁ ପୂର୍ବ ବିଶ୍ୱାସ ଅନୁଯାୟୀ ଗାଁରୁ ରୋଗ ଦୂର ପାଇଁ ରୋଗ ଆରମ୍ଭର ୩ ପକ୍ଷ ପଡୁଥିବା ମଙ୍ଗଳବାରରେ ପୂଜାର୍ଚ୍ଚନା କରାଯାଇଥିଲା। ତରଭା ଗ୍ରାମବାସୀ ଉପବାସ ରହି ଗ୍ରାମଦେବତୀ, ଡୁନୁକି ଠାକୁରାଣୀ, ପିତାବଳୀ, ବୁଢ଼ାବୁଢ଼ୀ, କଳାପାଟ, ବ୍ରାହ୍ମଣୀଦେଇ, ଡୁମାଣୀ ବୁଢ଼ୀ, ଛୁଟାବୁଢ଼ା ଠାକୁରଙ୍କୁ ପୂଜାର୍ଚ୍ଚନା କରି ଫାଟୁଆ ବାଟେଇଥିଲେ। ଗାଁ ଠାରୁ ଦୂରରେ ଥିବା ମା' ମଙ୍ଗଳାଙ୍କ ଠାରେ ଢିଙ୍କିକୁଟା ନୂଆ ଚାଉଳରେ ଖେଚିଡ଼ି ଭୋଗ ଲଗାଇ ସମସ୍ତେ ପ୍ରସାଦ ପାଇ ଏକ ମୁହାଁ ହୋଇ ଘରକୁ ଫେରିଥିଲେ। ପୂଜା ବେଳେ ଗାଁର ସମସ୍ତ ଗୋରୁ ଓ ଛେଳିକୁ ମା'ଙ୍କ ପୀଠ ଚତୁଃପାର୍ଶ୍ୱରେ ବୁଲାଯାଇଥିଲା ବୋଲି ତରଭା ଗ୍ରାମ ସଭାପତି ଗଗନ ପଧାନ, ସମ୍ପାଦକ ବର୍ଜୁ ଭୋଇ, କୁଶ ପଧାନ, ଦେବକି ଭୋଇ, କରୁଣା ଭୋଇ, ଦଶୁରୁ ପଧାନ, ରସା ରାଉତ, ନୀଳମଣି ଭୋଇ, କୈଳାସ ସେଠୀ, ପର୍ଶୁରାମ ଝାଙ୍କଡ଼, ଗୋବିନ୍ଦ ପଧାନ ଓ ନେଷ୍ଟୁ ଭୋଇ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଜଗନ୍ନାଥପୁର ଗ୍ରାମବାସୀ ମଙ୍ଗଳାଙ୍କ ପୀଠରେ ପୂଜାପାଠ କରିବା ସହିତ ଏକ ଗଞ୍ଜାକୁ ଜଙ୍ଗଲ ମଧ୍ୟକୁ ଛାଡ଼ିଥିବା ଗ୍ରାମ ସଭାପତି କୃଷ୍ଣ ଚରଣ ପଧାନ, ସମ୍ପାଦକ ଶ୍ରୀନିବାସ ସାହୁ, ପୂଜକ ସୁବର୍ଣ୍ଣ ଦେହୁରୀ, ପ୍ରାଣବନ୍ଧୁ ଦେହୁରୀ, ପଦ୍ମଚରଣ ପଧାନ, ରବିନ୍ଦ୍ର ସାହୁ, ଶ୍ରୀହରି ନାୟକ, ପତିତପାବନ ସାହୁ, ସୁମନ୍ତ ନାୟକ, ନିତ୍ୟାନନ୍ଦ ନାୟକ, ସୁମନ୍ତ ଦେହୁରୀ ପ୍ରମୁଖ ପ୍ରକାଶ କରିଛନ୍ତି।



ତରଭା ଗ୍ରାମବାସୀ ଫାଟୁଆ ବାଟଉଛନ୍ତି।



ଜଗନ୍ନାଥପୁର ଗ୍ରାମବାସୀ ଖେଚିଡ଼ି ପ୍ରସାଦ ଖାଉଛନ୍ତି।

# କୋଇଲା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ତାଳଚେର,୧୬।୧୦(ନି.ପ୍ର.)**

ତାଳଚେର ଗସ୍ତରେ ଆସିଥିବା କୋଇଲା ମନ୍ତ୍ରୀ ପୀୟୁସ ଗୋଏଲଙ୍କୁ ତାଳଚେର ବାର ଆସୋସିଏଶନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏମ୍‌ସିଏଲ ଅଧୀନରେ ଥିବା ତାଳଚେର କୋଲ୍ ଫିଲଡ୍ସରେ କୋଇଲା ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ତାଳଚେରବାସୀଙ୍କ ସମୂହ ସ୍ୱାର୍ଥ ଓ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ତାଳଚେର ଠାରେ ବ୍ରାହ୍ମଣୀ କୋଲ୍‌ଫିଲ୍ଡସ ନାମକ ନୂତନ କୋଇଲା କମ୍ପାନୀ ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି। ଏହାବ୍ୟତୀତ ତାଳଚେର ଷ୍ଟେଶନରୁ ଅନୁଗୋଳ ଷ୍ଟେଶନ ପର୍ଯ୍ୟନ୍ତ ରୁଫ୍‌ଲାଇନ୍ ନିର୍ମାଣ, ପ୍ରଦୂଷଣ ମୁକ୍ତ କୋଲ କରିଡର ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଛି। ଆସୋସିଏଶନ ସଭାପତି ଦୟାସାଗର ମିଶ୍ର ଓ ଏକ୍‌ଜିକ୍ୟୁଟିଭ୍ ବଡି ପକ୍ଷରୁ ୩ ଦଫା ସମ୍ବଳିତ ଏହି ଦାବିପତ୍ର ପ୍ରଦାନ କରାଯାଇଛି।



କୋଇଲା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରଦୀପ ଜାଳି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା

**ତାଳଚେର,୧୬।୧୦(ନି.ପ୍ର.)**

ତାଳଚେର ବିଜୁ ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ ଅବସରରେ ଫାଷ୍ଟଗେଟ୍ ଠାରେ ଥିବା ଚିତ୍ରକୂଟ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଦୀର୍ଘ ଜୀବନ କାମନା କରାଯାଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡା ବିଧାୟକ ମହେଶ ସାହୁଙ୍କ ଉପସ୍ଥିତିରେ ମଣ୍ଡାପାଳ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ ଓ ନୂଆବସ୍‌ଷ୍ଟାଣ୍ଡ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ନବୀନ ବାବୁଙ୍କ ଦକ୍ଷ ରାଜନୈତିକ ଜୀବନ, ସୁଶାସନ ତଥା ଜନହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବୀ କିଶୋର ମିଶ୍ର, ଦୀପକ ପ୍ରଧାନ, ବରିଷ୍ଠ ବିଜେଡି ନେତା ବାନାମ୍ବର ଭୂତିଆ, ପୂର୍ବତନ ଉପନଗରପାଳ ସ୍ନେହଲତା ମିଶ୍ର, ପୂର୍ବତନ କାଉନସିଲର ବିଚିତ୍ର ଦାସ, ରବିନ୍ଦ୍ର ବାରିକ, ମମତା ଖଟୁଆ, ପଞ୍ଚାନନ ସାହୁ, ମାଧବ ମହାରଣା, ସୌଦାମିନୀ ଡୁଙ୍ଗ, ତପନ ମହାରଣା, ଗିରୀଶ ଭୂତିଆ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ସାହିତ୍ୟିକା ରତ୍ନପ୍ରଭା ବାଇ, କଳ୍ପନା ବୋଇତି, ଅନିତା ପାଣି, ଶୁଭଶ୍ରୀ ଭଞ୍ଜ, କୁମୁଦିନୀ ବିଶ୍ୱାଳ, ଲତିକା ମହାପାତ୍ର, ନିବାସିନୀ ସାହୁ, ଅନୁପମା ପ୍ରଧାନ, କଳ୍ପନା ନାଏକ, ସୁନନ୍ଦା ନାୟକ, ମନୋଜା ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିତେନ୍ଦ୍ର ମହାପାତ୍ର ସଂଯୋଜନା କରିଥିବାବେଳେ ବାବୁ ଦାସ, ବେଣୁଧର ଦାସ, ସିତିକାନ୍ତ ବାରିକ, ଭାଗ୍ୟରଥି ମହାପାତ୍ର, ସୌଭାଗ୍ୟ ମହାରଣା, ବାବୁ ସାହୁ, ଜିତୁ ବେହେରା, ସୁନୀଲ ରାଏ, ନୟନା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ । ତପନ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ ।

## ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସ

**କଣିହାଁ,୧୬।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମ ଓ ମନ୍ଦିରରେ ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୩ ତମ ଜନ୍ମ ଦିନ ପାଳନ କରାଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥକ ଲୁଧୁଣୀ, ବିରୁ, ଝୁଲାଖୁଣ୍ଟିଆ, ସମଲ, ହରିହରପୁର, ତାଳପଦା, ଡେରଙ୍ଗ, ପରାବିଲ, ରେଙ୍ଗାଳି ସମେତ ବିଭିନ୍ନ ଦେବଦେବୀ ଓ ମହାଦେବଙ୍କ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ ଜୀବନ କାମନା କରି ପୂଜାର୍ଚ୍ଚନା କରିଥିଲେ। ସୁବାସ ମହାନ୍ତି, ଅଜିତ୍ ପ୍ରଧାନ, ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନାଲ୍‌କୋ ଏମ୍ପ୍ଲଇଜ୍ ସଂଘ ବୈଠକ



ଉପସ୍ଥିତ ସଙ୍ଗଠନ ସଦସ୍ୟମାନେ।

**ବଣ୍ଟାଁରପାଳ, ୧୬।୧୦(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲଟରର ନାଲ୍‌କୋ ଏମ୍ପ୍ଲଇଜ ସଂଘ(ନେସ୍) ପକ୍ଷରୁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିଲୀପ କୁମାର ମିଶ୍ର ଏଥିରେ ଯୋଗ ଦେଇ ନାଲ୍‌କୋର ଘରୋଇକରଣ କରିବାକୁ କେନ୍ଦ୍ର ସରକାର ଚକ୍ରାନ୍ତ କରୁଥିବା ଅଭିଯୋଗ କରିବା ସହ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ରୀୟ ଆଇଏନ୍‌ଟିୟୁସିର ସମ୍ପାଦକ ତଥା ନେସ୍‌ର ସାଧାରଣ ସମ୍ପାଦକ ନିର୍ମଳ କୁମାର ସାମଲ କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ପ୍ରମୁଖ ସଦସ୍ୟ ମୁରଲୀଧର ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁ, ବିଜନ ଦଳବେହେରା, ମଳୟ ସ୍ୱାଇଁ, ଅଶ୍ୱିନୀ ସାମଲ, ମନୋଜ ସ୍ୱାଇଁ, ନିରୋଧ କୁବାର ଧୀର ମିଲୁ, ଭାସ୍କର ଚନ୍ଦ୍ର ସେଠୀ, ବସନ୍ତ କୁମାର ନାଏକ, ସୁଧାଂଶୁ ମିଶ୍ରଙ୍କ ସମେତ ବହୁ ଶ୍ରମିକ ଉପସ୍ଥିତ ଥିଲେ।

■ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା, ଗ୍ରାମାଞ୍ଚଳ ଚଳଚଞ୍ଚଳ

# ଦୁଲୁକୁଛି ମଣ୍ଡପ, ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼

**ବଇଣ୍ଡା/ବଣ୍ଟାଁରପାଳ/ଛେଣ୍ଡିପଦା/କଣିହାଁ/ବନ୍ତଲା,୧୬।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଦୁର୍ଗା ପୂଜା ଧୁମ୍‌ଧାମରେ ଆରମ୍ଭ ହୋଇଛି। କିଶୋରନଗର ବ୍ଲକର ବଇଣ୍ଡା, ଡେବେରାପାଲି, ବାମୁର ଆଦି ଗ୍ରାମଗୁଡ଼ିକରେ ଯଥାରୀତିରେ ପୂଜାର୍ଚ୍ଚନା ଚାଲିଛି। ରଙ୍ଗବେରଙ୍ଗର ଆଲୋକମାଳାରେ ପୂଜା ଅଞ୍ଚଳ ଝଲସି ଉଠୁଛି। ସନ୍ଧ୍ୟାରେ ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ପ୍ରକାଶ ଶତପଥୀ, ଗିରିଶ ଚନ୍ଦ୍ର ବେହେରା, ଲମ୍ବୋଦର ପାତ୍ର, ରଞ୍ଜନ ରାଉତ, ସୌମ୍ୟପ୍ରକାଶ ଶତପଥୀ, ରାଜେଶ ଶତପଥୀ, ଅମିତ କୁମାର ସାହୁ, ଶଙ୍କର ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

ସେହିପରି ନାଲ୍‌କୋ ନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ଆରମ୍ଭ ହୋଇଛି। ସିପିପି ନିକଟସ୍ଥ ଆଦର୍ଶ ବିହାର କଲୋନିବାସୀ ମା'ଙ୍କ ପୂଜା ଧୁମ୍‌ଧାମରେ ପାଳନ କରୁଛନ୍ତି। ସୁସଜ୍ଜିତ ପୂଜା ମଣ୍ଡପ ସାଙ୍ଗକୁ ଆକର୍ଷଣୀୟ ତୋରଣ ନିର୍ମିତ ହୋଇଛି। ରଙ୍ଗିନ ଆଲୋକମାଳାରେ ପୂଜାମଣ୍ଡପ ଗୁଡ଼ିକ ଝଲସି ଉଠିଛି। ମଙ୍ଗଳବାର ସକାଳେ କର୍ମକର୍ତ୍ତାମାନେ ନିକଟସ୍ଥ ଜଳାଶୟରୁ ପାଣି ଆଣି ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ପରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା। ପୂଜା କମିଟିର ରଞ୍ଜନ ଜେନା, ଅଭୟ ସିଂ, ଅଶ୍ୱିନ ରାଉତ, ଜ୍ଞାନେନ୍ଦ୍ର ଅମାନ୍ତ, ବିଭବ ଜେନା, ସୁଜିତ ସେଠ, ବୁଲେସ ଜେନା, ମୁନା ସେଠ ପ୍ରମୁଖ ସହଯୋଗ କରିଥିଲେ।

ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ କୋଡାସାହିରେ କନକ ଦୁର୍ଗା ମନ୍ଦିର ପରିସରରେ ବାର୍ଷିକ ପୂଜା ସାଙ୍ଗକୁ ଦୁର୍ଗାଷ୍ଟମୀ ପାଳିତ ହୋଇଛି। ମା'ଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗ୍ରାମ ପରିଚାଳନା କମିଟି ତଥା ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

କଣିହାଁ ବ୍ଲକର ଡେରଙ୍ଗ, ଜମାନିଆ, ବଜ୍ରକୋଟ, ସାନ କାକୁଡ଼ିଆ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି। ପୂଜା କମିଟି ସଦସ୍ୟ, ଗ୍ରାମବାସୀ, ଏହି ଉତ୍ସବକୁ ପାଳନ କରୁଛନ୍ତି। ଅନୁଗୋଳ ବ୍ଲକ ବନ୍ତଳାସ୍ଥିତ କନକ ଦୁର୍ଗା ପୂଜା କମିଟି ତରଫରୁ ମଙ୍ଗଳବାର ମା' କନକ ଦୁର୍ଗାଙ୍କ ଦଶହରା ପୂଜା ଆରମ୍ଭ ହୋଇଛି। ସୋମବାର ଟାକୁଆନାଳରୁ କଳସରେ ପାଣି ଅଣାଯାଇଥିବା ବେଳେ ମଙ୍ଗଳବାର ମା'ଙ୍କୁ ଜୀବନ୍ୟାସ ପ୍ରଦାନ କରାଯାଇଥିଲା। ଛକରେ ଥିବା ସମସ୍ତ ଦୋକାନୀ ଏଥିରେ ସହଯୋଗ କରୁଛନ୍ତି। ରାତିରେ ଆଇନଜୀବୀ ସନ୍ତୋଷ ନାଏକଙ୍କ ନେତୃତ୍ୱରେ ୩ ଦିନ ଧରି ବାଦଦଣ୍ଡ ପ୍ରତିଯୋଗିତାର ଆୟୋଜନ କରାଯାଇଛି। କମିଟି ସଭାପତି ହୃଦାନନ୍ଦ ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ବ୍ୟବସାୟୀ ସହଯୋଗ କରୁଛନ୍ତି।



ଛେଣ୍ଡିପଦା ବ୍ଲକ ଜରପଡ଼ା ପୂଜା କମିଟି ପକ୍ଷରୁ ମା'ଙ୍କ ମେଢ଼।



ବଇଣ୍ଡା ଅଞ୍ଚଳରେ ଚାଲିଥିବା ଦୁର୍ଗାପୂଜା।



ନାଲ୍‌କୋ ଆଦର୍ଶ ବିହାରରେ ପୂଜା।



ତାଳଚେର ବ୍ଲକ ଭରତପୁର ଓସିପିରେ ମା'ଙ୍କ ପୂଜା।

## ଆଜି କ'ଣ କେଉଁଠି

**ପରଜଙ୍ଗ**
■ବାଦଦଣ୍ଡ ପ୍ରତିଯୋଗିତା
ସ୍ଥାନ: ଚୌପାଢ଼ୀ, ପରଜଙ୍ଗ
ସମୟ : ରାତି ୮ଟା।

## ସଂକ୍ଷେପରେ

■ଏକେ-୪୭ ବନ୍ଧୁକ ଲୁଟ୍ ମାମଲା

### କନଷ୍ଟେବଲ ନିଲମ୍ବିତ

**ଢେଙ୍କାନାଳ ଅଫିସ, ୧୬।୧୦**
ହାଇଦ୍ରାବାଦରୁ ଭିଭିପାଟ୍ ମେଶିନ ଆଣିବାକୁ ଯାଇ ଫେରୁଥିବାବେଳେ ବିଜୟନଗରମ୍ ଜିଲା ନିକଟରେ କନଷ୍ଟେବଲ ଅଭିମନ୍ୟୁ ସାହୁଙ୍କ ଏକେ-୪୭ ବନ୍ଧୁକ ଲୁଟ୍ ହୋଇଯାଇଥିଲା। ଆନ୍ଧ୍ର ପୋଲିସ ପକ୍ଷରୁ ଏହି ମାମଲାର ତଦନ୍ତ କରାଯାଉଥିବାବେଳେ ଅଭିମନ୍ୟୁଙ୍କୁ ନିଲମ୍ବିତ କରାଯାଇଛି। ଦାୟିତ୍ୱହୀନତା ଏବଂ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏସ୍‌ପି ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି। ଆନ୍ଧ୍ର ପୋଲିସ ତାଙ୍କୁ ହାଇଦ୍ରାବାଦ ନେଇ ତଦନ୍ତ କରୁଥିବା ଏସ୍‌ପି କହିଛନ୍ତି।

### ସଭାପତିଙ୍କ କାର୍ଯ୍ୟକାଳ ସୀମିତ କରିବାକୁ ଦାବି

**ଢେଙ୍କାନାଳ ଅଫିସ,୧୬।୧୦**
ଢେଙ୍କାନାଳ ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ପଦବୀ କାର୍ଯ୍ୟକାଳ ସୁନିଆଠାରୁ ଆରମ୍ଭ କରି ଭସାଣି ଶେଷ ଯାଏ ସୀମିତ ରଖିବାକୁ ଦାବି ହୋଇଛି। ଏ ନେଇ କେତେଜଣ ସଦସ୍ୟ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ସମୟରେ ସଭାପତି ପୂଜା ପ୍ରସ୍ତୁତି ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରିପାରିବେ। ଫଳରେ ପୂଜାକାର୍ଯ୍ୟ ନୀତିନିଷ୍ଠ ହୋଇପାରିବ ବୋଲି ମିଳିତ ବଜାର ପୂଜା କମିଟି ପ୍ରଥମ ବୈଠକରେ ସ୍ଥିର ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରାଇବାକୁ କାଞ୍ଚନ ବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ମହାବୀର ବଜାର ପୂଜା କମିଟି ସଭାପତି ଦୀପକ ପ୍ରସାଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ପୂଜା ପ୍ରତିଷ୍ଠାନର କମିଟିର କର୍ମକର୍ତ୍ତା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### କ୍ୱାର୍ଟରରେ ମା' ମଙ୍ଗଳା କ୍ଲବ

**ଢେଙ୍କାନାଳ ଅଫିସ,୧୬।୧୦**
ଢେଙ୍କାନାଳ ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବନମାଳୀପ୍ରସାଦ ମା' ମଙ୍ଗଳା କ୍ଲବ ୪-୦ ଗୋଲ୍‌ରେ ଚିରୁଳେଇ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌କୁ ଅରୁଣ ନାୟକ, ରାମକୃଷ୍ଣ ବେହେରା, ତନ୍ମୟ ପଟ୍ଟନାୟକ, ମାୟାଧର ସାହୁ ପରିଚାଳନା କରିଥିଲେ। କ୍ରୀଡା ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ସଭ୍ୟ ଶ୍ୟାମସୁନ୍ଦର ମହାପାତ୍ର, ଶତ୍ରୁଘ୍ନ ମାଟି, ସଞ୍ଜୟ ନାୟକ, ଅଜୟ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ମର୍ନିଂ କ୍ଲବ (ଏ) ଏବଂ ବଳଦେବଜୀଉ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସମ୍ପାଦକ ନଳିନୀ କୁମାର ଦାସ କହିଛନ୍ତି।

### ଗ୍ୟାରେଜରୁ ଚୋରି

**ଭୁବନ,୧୬।୧୦(ଡି.ଏନ.ଏ.)**
ଭୁବନ କାଳୀବଜାର ଛକସ୍ଥିତ ମହାଦେବ ଅଟୋ ଗ୍ୟାରେଜରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗ୍ୟାରେଜ ତାଲା ଭାଙ୍ଗି ୬୦ଟି ଚେନ ସକେଟ, ୩୦ ବୋତଲ ମୋବିଲ୍ ସମେତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଚୋରି କରି ନେଇଯାଇଥିବା ଦୋକାନ ମାଲିକ ପୂର୍ଣ୍ଣଚନ୍ଦ୍ର ବିହାରୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନଂ. ୧୯୯/୧୮, ଦଫା ୩୭୯ରେ ମାମଲା ରୁଜୁ କରାଯାଇଛି।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ଓଲଟିଲା କାର, ୪ ଆହତ

**ଭାପୁର, ୧୬।୧୦(ଡି.ଏନ.ଏ.)**
ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ପୁରୁଣା କଟକ-ସମ୍ବଲପୁର ରାସ୍ତାର ନୂଆସାହି ନିକଟରେ ମଙ୍ଗଳବାର ସକାଳେ ଦୁର୍ଘଟଣା ଘଟିଛି। ଏକ କାର୍ (ଓଡ଼ି ୧୩ ବି ୬୧୯୧) ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଓଲଟି ପଡ଼ିଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅନ୍ନପୂର୍ଣ୍ଣା ଦାସ, ଅର୍ପିତା ଦାସ, ବଜରଙ୍ଗୀ ସାହୁ ଏବଂ ଡ୍ରାଇଭର ଦୀପକ ଦେହୁରୀ। ସମସ୍ତଙ୍କୁ ଚିକିତ୍ସା ଲାଗି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କାର୍‌ଟି ପୁରୀରୁ ରାଉରକେଲା ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ପୋଲିସ ଗାଡ଼ି ଜବତ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଖୁଣ୍ଟ ଭାଙ୍ଗିଯିବାରୁ ଘଟିପିରି, ଭାପୁର ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା।

■ମଣ୍ଡପରେ ମହାମାୟୀ

# ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ପରିବେଶ


କାମାକ୍ଷାନଗର ମୁଣ୍ଡିଦେଉଳି।


ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ।


ଓଡ଼ାପଡ଼ା ବ୍ଲକ ସିମିନଇ।

■ସପ୍ତମୀ ପୂଜା ସମ୍ପନ୍ନ
■ସନ୍ଧ୍ୟା ଦର୍ଶନ ପାଇଁ ଭିଡ଼
■ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ୍.ଏ.), ୧୬।୨୦**

ଶାରଦୀୟ ଦୁର୍ଗାପୂଜା ମହୋତ୍ସବ ଲାଗି ଚଳଚଞ୍ଚଳ ହୋଇଉଠିଛି ଢେଙ୍କାନାଳ। ମଙ୍ଗଳବାର ପାରମ୍ପରିକ ନୀତି ଅନୁଯାୟୀ ଶେଷ ହୋଇଛି ମା'ଙ୍କ ସପ୍ତମୀ ପୂଜା। ଏହାକୁ ନେଇ ବିଭିନ୍ନ ପୂଜା ମଣ୍ଡପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ଚନ୍ଦ୍ରଶେଖର ପ୍ରେସ୍, ରିଜର୍ଭ ପୋଲିସ ଲାଇନ୍, କାଞ୍ଚନ ବଜାର, ରାଧାକୃଷ୍ଣ ବଜାର, ମହାବୀର ବଜାର ସାର୍ବଜନୀନ ପୂଜା କମିଟି ମଣ୍ଡପରେ ମା'ଙ୍କ ସପ୍ତମୀ ପୂଜା ଆନନ୍ଦ ଉଲ୍ଲାସରେ ଶେଷ ହୋଇଛି। ସେହିପରି ଝରଣସ୍ଥିତ ବନଦୁର୍ଗା, ବାଜିଚୌକସ୍ଥିତ ବ୍ରହ୍ମାୟଣୀ ଦେବୀ, ଦେଉଳସାହି ଜୁବ୍‌ଲି ଟାଉନସ୍ଥିତ କନକଦୁର୍ଗା ଓ କୈବଲ୍ୟ ବଜାରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ମା'ଙ୍କ ପୂଜା ଚାଲିଛି। ସନ୍ଧ୍ୟା ଆଳତି ଦେଖିବାକୁ ପ୍ରବଳ ଜନସମାଗମ ହେଉଥିବାବେଳେ ମନ୍ତ୍ର ଧ୍ୱନିରେ ମଣ୍ଡପ ପରିସର କମ୍ପୁଛି।

ସେହିପରି କାମାକ୍ଷାନଗରରେ ମା' ଦଶଭୁଜାଙ୍କ ମହାସପ୍ତମୀ ପୂଜା ସମ୍ପନ୍ନ ହୋଇଛି। ଚଳିତ ବର୍ଷ ୧୪ଟି ମଣ୍ଡପରେ ମହାମାୟୀଙ୍କ ପୂଜା କରାଯାଉଥିବାବେଳେ ମୁଣ୍ଡିଦେଉଳି, ଜଗନ୍ନାଥ ବଜାର, ତରୁଣ ବଜାର, ଲକ୍ଷ୍ମୀବଜାର, ମେନ୍‌ରୋଡ୍‌ରେ ମା' ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି। ଅନ୍ୟାନ୍ୟ ମଣ୍ଡପରେ ଶିବ ଏବଂ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଉଛି। ପ୍ରଥମକରି ତରୁଣ ବଜାର କମିଟି ପକ୍ଷରୁ ମା'ଙ୍କ ରୁପା ମୁକୁଟ ତିଆରି କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ପୂଜା ସମାପନ କରିବାକୁ ପ୍ରଶାସନ, ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ କଳ୍ପନା କ୍ଲବ ଓ ହନୁମାନ ବଜାରରେ ଦୁଇଟି ଅସ୍ଥାୟୀ ଫାଣ୍ଡି କରାଯାଇଛି। କାମାକ୍ଷାନଗର ଏସ୍‌ଡିପିଓଙ୍କ ନେତୃତ୍ୱରେ ଫୋର୍ସ ମୁତୟନ କରାଯାଇଛି।

### ଦାଣ୍ଡିମାଳ: ୧୯ ମଣ୍ଡପରେ ପୂଜାର୍ଚ୍ଚନା

**ଓଡ଼ାପଡ଼ା, ୧୬।୧୦(ଡି.ଏନ.ଏ.)**–ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ ଜିଲା ଓଡାପଡା ବ୍ଲକର ଦାଣ୍ଡିମାଳ ଅଞ୍ଚଳ। ସିମିନଇ, ମହେନ୍ଦ୍ରପୁର, ନୀଳାମ୍ବରପୁର, ଚାଇଁପୁର, ସାଇଁବିରି, ଚାଇଁପୁରପାଟଣା, ଅଙ୍କରାନ୍ତିପୁର, ମୂଳିସିଂହ, ଗଦାଶିଳା ପ୍ରମୁଖ ୧୯ ମଣ୍ଡପରେ ମଙ୍ଗଳବାରଠାରୁ ମହାମାୟୀଙ୍କ ଆବାହନ ଆରମ୍ଭ ହୋଇଛି। ସିମିନଇରେ ୮, ଅଙ୍କରାନ୍ତିପୁରରେ ୨, ସାଇଁବିରିରେ ୩, ଚାଇଁପୁରରେ ୨, ମୂଳିସିଂହ, ମହେନ୍ଦ୍ରପୁର, ନୀଳାମ୍ବରପୁର ଶାସନ ଏବଂ ଗଦାଶିଳାରେ ଗୋଟିଏ ଲେଖାଏ ମଣ୍ଡପରେ ମା' ଦୁର୍ଗା ପୂଜା ପାଉଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱରେ ପୂଜା ମଣ୍ଡପଗୁଡ଼ିକ ହୋଇଥିବାରୁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେଉଛି। ଟ୍ରାଫିକ୍ ପରିଚାଳନା କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

### ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ବୈଠକ

**କଣିହାଁ,୧୬।୧୦(ଡି.ଏନ.ଏ.)**

ବିଜିଗୋଳ ରାମ ମନ୍ଦିର ପଡ଼ିଆରେ ଏନ୍‌ଟିପିସି ପ୍ରକଳ୍ପରେ କାର୍ଯ୍ୟରତ ଠିକାଶ୍ରମିକଙ୍କ ସମସ୍ୟା ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ବ୍ରଜ କିଶୋର ପ୍ରଧାନ, ସରପଞ୍ଚ ଦୁଃଶାସନ ସାହୁ, ସଙ୍ଗଠକ ଆବାହକ ସୁନୀଲ ପ୍ରଧାନ ଯୋଗ ଦେଇଥିଲେ। ଠିକାଶ୍ରମିକମାନେ ଉପଯୁକ୍ତ ପ୍ରାପ୍ୟ ପାଇବା, ବୋନସ ସହିତ ସମାନ କାର୍ଯ୍ୟକୁ ନେଇ ସୁବିଧା ସୁଯୋଗ ଆଦି ଦାବି ହୋଇଥିଲା। ଦାବି ପୂରଣ ନ ହେଲେ ପ୍ରକଳ୍ପ କାର୍ଯ୍ୟରେ ଠିକାଶ୍ରମିକମାନେ ସହଯୋଗ କରିବେ ନାହିଁ ବୋଲି ସୁଧାଂଶୁ ସାହୁ ସୂଚନା ଦେଇଛନ୍ତି।

### ପଦଯାତ୍ରା, ଉନ୍ନୟନ କାର୍ଯ୍ୟ ଶିଳାନ୍ୟାସ

**କଣିହାଁ,୧୬।୧୦(ଡି.ଏନ.ଏ.)**

ତାଳଚେର ନିର୍ବାଚନମଣ୍ଡଳୀର ସାନ ତିବ୍ରିଡା ଓ ବଡ଼ ତ୍ରିବିଡ଼ା ପଞ୍ଚାୟତରେ ମଙ୍ଗଳବାର ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧାୟକ ବ୍ରଜକିଶୋର ପ୍ରଧାନ, ସରପଞ୍ଚ ବାବୁଲା ସେଠୀ, ସମିତିସଭ୍ୟା ତୃପ୍ତିମୟୀ ସେଠୀ, ପୂର୍ବତନ ସରପଞ୍ଚ ଟିକନ ପ୍ରଧାନ, ପରମାନନ୍ଦ ପରିଡ଼ା, କିଶୋରଚନ୍ଦ୍ର ପ୍ରଧାନ, ଯୁବନେତା ସୁନୀଲ ପ୍ରଧାନ, ଈଶ୍ୱର ସାହୁ, ବୃନ୍ଦାବନ ପ୍ରଧାନ, ବିଜେଡି ମିଡ଼ିଆ ସେଲ ନିର୍ମଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବିଧାୟକ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀ ଦୁର୍ଯ୍ୟୋଧନ ପ୍ରଧାନ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ବିଧାୟକ ଓ ଦଳୀୟ କାର୍ଯ୍ୟକର୍ତ୍ତା ସମ୍ବର୍ଦ୍ଧନା ଦେଇଥିଲେ।

## ଫଟୋରେ ଖବର


ଢେଙ୍କାନାଳ ଜୁବ୍‌ଲିଟାଉନସ୍ଥିତ କନକଦୁର୍ଗାଙ୍କ ପୀଠରେ ମା'ଙ୍କ ମହାଲକ୍ଷ୍ମୀ ବେଶ।

# ପରିଷ୍କାର ରହିଲେ ଦୂର ହେବ ରୋଗ

**ବଇଣ୍ଡା,୧ ୬।୧୦(ଡି.ଏନ.ଏ.)**

ନିଜର ଅବହେଳାରୁ ହିଁ ପରିବେଶ ଦୂଷିତ ହେଉଛି। ଆମ ଆଖପାଖରେ ରହିଥିବା ଜୀବାଣୁ ଦ୍ୱାରା ଭୟଙ୍କର ରୋଗ ହେଉଛି। ଏଥିପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ। ସଚେତନତା ସ୍ୱରୂପ ଖାଇବା ପୂର୍ବରୁ ହାତ ଧୋଇବା, ପରିଷ୍କାର ପରିଚ୍ଛନ୍ନ ରହିଲେ ଅନେକ ରୋଗଠାରୁ ଆମେ ଦୂରେଇ ରହିବ ବୋଲି କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ନୁନୁକାପଶି ପଞ୍ଚାୟତ ସଭାଗୃହରେ ସୋମବାର ଆୟୋଜିତ ବିଶ୍ୱ ହାତଧୁଆ ଦିବସରେ ମତପ୍ରକାଶ ପାଇଛି। ଅନୁଗୋଳ ଜିଲା ପରିମଳ ମିଶନ ଓ ସ୍ୱଚ୍ଛ ଜଳ କାର୍ଯ୍ୟକାରୀ ମହାସଂଘ (ଫାନ୍‌ସା) ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା କଲେଜର ଅଧ୍ୟାପକ ସିଦ୍ଧାର୍ଥ ପଣ୍ଡା, ସମ୍ମାନିତ ଅତିଥି ଜିଲା ଜଳ ଓ ପରିମଳ ମିଶନର ଶିକ୍ଷା ସୂଚନା ଯୋଗାଯୋଗ ପରାମର୍ଶଦାତା ସରିତାଞ୍ଜଳୀ ପତି, ନାଏବ ସରପଞ୍ଚ ସୁରେଖା ବେହେରା, ଅବସରପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ, ଆଶା ତାଲିମଦାତା ଗୋବିନ୍ଦ ଶଙ୍ଖାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜଳ ପରିମଳ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କ୍ଷେତ୍ରପାଳ ଗ୍ରାମର ଚନ୍ଦ୍ରାବତୀ ପ୍ରଧାନ ଓ ଅନନ୍ତ ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଗଣମାଧ୍ୟମର କାର୍ଯ୍ୟଧାରା ଉପରେ ଆଲୋଚନା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଜନପ୍ରତିନିଧିମାନେ।

**ଛେଣ୍ଡିପଦା,୧୬।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହରେ ମହିଳା ଜନପ୍ରତିନିଧିଙ୍କୁ ନେଇ ସୋମବାର ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାରୀ ସୁରକ୍ଷା ସମିତିର ଅଧ୍ୟକ୍ଷା ସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କର୍ମଶାଳାରେ ଗଣମାଧ୍ୟମ ସହାୟତାରେ ଆଞ୍ଚଳିକ ସମସ୍ୟାର ସମାଧାନ କରିବାକୁ ମତପ୍ରକାଶ ପାଇଥିଲା। ଦିଲୀପ ସାହୁ, ତ୍ରିବେଣୀ ସାହୁ, ହଟ୍ଟକିଶୋର ଷଡ଼ଙ୍ଗୀ, ଲିଙ୍ଗରାଜ ସାହୁ, ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମ ସହାୟତାରେ ପଞ୍ଚାୟତର ସମସ୍ୟାକୁ ଲୋକଲୋଚନକୁ ଆଣିବା ଆବଶ୍ୟକ। ଏଥିସହ ସ୍ଥାନୀୟ ସରପଞ୍ଚ, ନିର୍ବାହୀ ଅଧିକାରୀ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ମଧ୍ୟ ଜରୁରୀ। ଏହା ଫଳରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇପାରିବ ଏବଂ ଶୀଘ୍ର ସମସ୍ୟା ସମାଧାନର ବାଟ ଖୋଲିବ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ସରକାରୀ ଯୋଜନା, ପଞ୍ଚାୟତିରାଜ ବ୍ୟବସ୍ଥାକୁ ଭଲ ଭାବେ ବୁଝି କାମ କଲେ ମହିଳା ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ଗ୍ରାମସଭା, ପଲ୍ଲିସଭା, ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ନାରୀ ସୁରକ୍ଷା ସମିତିର ବ୍ଲକ ସଂଯୋଜକ ସୁରେଶ ନାୟକ, ଜିଲା ସଂଯୋଜିକା ଅଞ୍ଜନା ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।

### ଭଗବତ ଜନ୍ମ ଉତ୍ସବ ପାଳିତ

**ଛେଣ୍ଡିପଦା,୧୬।୧୦(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଖମାର ବରସାହି ପଞ୍ଚାୟତ ଦସହରାସାହି କୋଠଘର ପରିସରରେ ସୋମବାର ୪୦ତମ ଭଗବତ ଜନ୍ମ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ମହିଳା ଅରାତୁଆରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଦସହରାସାହି ସଭାପତି ରଶ୍ମି ମାଝି, ସମ୍ପାଦକ ପ୍ରମୋଦ ସାହୁ, ଭୋଳେଶ୍ୱର ମାଝି, ପାଦକ ମାଝି, ବାନାମ୍ବର ବିଶ୍ୱାଳ, ରୁଦ୍ରମୋହନ ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ।

### ଧାନ ଫସଲରେ ଲେଡ଼ାପୋକ

**ବାଲିଆପାଳ, ୧୬।୧୦(ଡି.ଏନ.ଏ.)**

ଚଳିତବର୍ଷ ବାଲିଆପାଳ ବ୍ଲକରେ ଅନୁକୂଳ ପାଗ ଯୋଗୁ ପ୍ରାୟ ୮୦% ଜମିରେ ଖରିଫ୍ ଧାନ ଚାଷ ହୋଇଥିଲା। ମାତ୍ର ୧୫ ଦିନ ହେବ ଫସଲରେ ଲେଡା ପୋକ ଓ ପତ୍ରପୋଡ଼ା ରୋଗ ବ୍ୟାପିଛି। ଏଥିରେ ହତୋତ୍ସାହିତ ହୋଇ ଚାଷୀମାନେ କୃଷି ବିଭାଗକୁ ଜଣାଇଥିଲେ। ମାତ୍ର ବିଭାଗ କେବଳ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ନୀରବରେ ବସିଛି। ଏ ବାବଦରେ କୃଷି ଅଧିକାରୀ ଶ୍ରଦ୍ଧା ହୋତାଙ୍କୁ ପଚାରିବାରୁ ରୋଗପୋକ ଦମନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କହିଥିଲେ।

■ବିୟୁଟି ପାର୍ଲର ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ସ୍ୱାବଲମ୍ବୀ ହେବେ ମହିଳା



ଅତିଥିଙ୍କ ଗହଣରେ ପ୍ରମାଣପତ୍ର ସହିତ ପ୍ରଶିକ୍ଷାର୍ଥୀମାନେ।

**ଢେଙ୍କାନାଳ ଅଫିସ,୧୬।୧୦**

ଢେଙ୍କାନାଳ ରଥଗଡ଼ାସ୍ଥିତ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ମାସେ ଧରି ଚାଲିଥିବା ବିୟୁଟି ପାର୍ଲର ଶିକ୍ଷା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ୱାଲେସ ଶେଖ୍, ଅବସରପ୍ରାପ୍ତ ଶାଖା ପରିଚାଳକ ଆଲୋକ ମହାନ୍ତି, ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ବରୁଣ ବିଶ୍ୱାଳ, ପ୍ରଶିକ୍ଷିକା ରଶ୍ମିବାଳା ଜେନା ଓ ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ବିୟୁଟି ପାର୍ଲର ଶିକ୍ଷା ମହିଳାଙ୍କୁ ସ୍ୱାବଲମ୍ବୀ କରିବ। ବ୍ୟାଙ୍କ ସହ ତାଳମେଳ ରଖିଲେ ବହୁ ମହିଳା ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଶିବିରରେ ବିଭିନ୍ନ ବ୍ଲକରୁ ମହିଳାମାନେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ଚିନ୍ମୟ ଜେନା, କାଦମ୍ବରୀ ମହାକୁଡ, ପ୍ରବଣ ରଞ୍ଜନ ମିଶ୍ର, ସତ୍ୟଶୁଭମ୍ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷକ ସୁଚିତ୍ର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।





## ସଂକ୍ଷେପରେ

### ଟ୍ରକ୍‌ରେ ପିଟିହେଲା ବାଇକ୍: ଜଣେ ମୃତ, ଯୁବକ ଗୁରୁତର

**ଢେଙ୍କାନାଳ ଅଫିସ/ ଭାପୁର(ଡି.ଏନ୍.ଏ.),୧୬।୧୦**
ଢେଙ୍କାନାଳ ସଦର ଥାନା ଶଙ୍କରପୁର ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍ (ଓଆର୍ ୫ୟୁ ୨୪୩୪) ପଛରେ ଧକ୍କା ହୋଇ ବାଇକ୍ ଚାଳକ ନିରଞ୍ଜନ ବେହେରା(୪୦) ପ୍ରାଣ ହରାଇଛନ୍ତି। ଏଥିରେ ବାଇକ୍ ପଛରେ ବସିଥିବା ବଳରାମ ଦାସ (୨୫) ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବାରସମାଣିଆ ଗ୍ରାମର ନିରଞ୍ଜନ ଏବଂ ଖୁଣ୍ଟଝରୀ ଗ୍ରାମର ବଳରାମ ବାଇକ୍ (ଓଡ଼ି ୦୬ ଇ ୦୩୫୬)ରେ ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ପହଞ୍ଚି ବାଇକ୍ ଏବଂ ଟ୍ରକ୍‌କୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ନେଇ ନଂ. ୪୫୯/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ପଥର ଖାଦାନରେ ଚଢ଼ାଉ: ୧୪ ଗାଡ଼ି ଜବତ



**ଢେଙ୍କାନାଳ ଅଫିସ,୧୬।୧୦**
ଢେଙ୍କାନାଳ ଜିଲା ସଦର ଥାନା ପାରିଖେଦା ଏବଂ ଓଡ଼ାପଡ଼ା ଅଞ୍ଚଳରେ ଥିବା ବେଆଇନ ପଥର ଖଦାନ ଉପରେ ମଙ୍ଗଳବାର ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ୨ ମିନିଟ୍ରକ୍, ୯ ଟିପ୍ପର, ଟ୍ରକ୍, ଜେସିବି ଓ ଟ୍ରାକ୍ଟର ଜବତ କରାଯାଇଛି। ଖାଦାନରୁ ବେଆଇନ ପଥର ଚୋରାଚାଲାଣ ଚାଲିଥିବା ସୂଚନା ପାଇ ଉପଜିଲାପାଳ ପୀତାମ୍ବର ସାମଲଙ୍କ ନେତୃତ୍ୱରେ ସଦର ତହସିଲଦାର ଉଦୟ ମହାପାତ୍ର, ଓଡ଼ାପଡ଼ା ତହସିଲଦାର ମନୋଜ ମାଝି ପ୍ରମୁଖ ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ପାରିଖେଦାରୁ ଦୁଇଟି ମିନିଟ୍ରକ୍, ଜେସିବି, ଟ୍ରାକ୍ଟର ଏବଂ ଓଡ଼ାପଡ଼ାରୁ ୯ ଟିପ୍ପର, ଗୋଟିଏ ଟ୍ରକ୍ ଜବତ କରାଯାଇଥିବା ଉପଜିଲାପାଳ ସୂଚନା ଦେଇଛନ୍ତି।

### ଆଇନମନ୍ତ୍ରୀଙ୍କୁ ଦାବିପତ୍ର

**ଢେଙ୍କାନାଳ ଅଫିସ,୧୬।୧୦**
ବିଭିନ୍ନ ସମସ୍ୟା ନେଇ ନିଖିଳ ଉତ୍କଳ ବିଚାର ବିଭାଗ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରାଜ୍ୟ ସଭାପତି ବିଷ୍ଣୁଚରଣ ମିଶ୍ର, ସୁରେନ୍ଦ୍ର ସାହୁ, ସତ୍ୟବ୍ରତ ମହାନ୍ତି, ସତ୍ୟବ୍ରତ ସାହୁ, ବରୁଣ ସାହୁ, ଦେବପ୍ରସାଦ ସାହୁ, ଅମୂଲ୍ୟ ଆଚାର୍ଯ୍ୟ ପ୍ରମୁଖ ମନ୍ତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ସଂଘର ସଦସ୍ୟମାନେ ସଚିବାଳୟରେ ଅର୍ଥ ଓ ଆଇନ ବିଭାଗ ଅଧିକାରୀଙ୍କ ସହ ମଧ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଆସନ୍ତା ୭ ତାରିଖରେ ବରଗଡ଼ ଜିଲା ଶାଖା ଆନୁକୂଲ୍ୟରେ ସଂଘର କାର୍ଯ୍ୟକାରିଣୀ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରାଯାଇଛି।






■ବଳଦଯାତ୍ରାକୁ ଆଉ ଦୁଇଦିନ

# ଝଲସୁଛି ଭୁବନ, ସୁରକ୍ଷା କଡ଼ାକଡ଼ି

**ଭୁବନ, ୧୬।୧୦(ଡି.ଏନ.ଏ.)**

■୧୧ ମଣ୍ଡପରେ ପୂଜାର୍ଚ୍ଚନା
■ ସାମିଲ ହେବେ ୩୧ ବଳଦ
■ ଶୁକ୍ରବାର ଅନୁକୂଳ ଯାତ୍ରା
■ ଶନିବାର ଭସାଣି ସହ ରାବଣ ପୋଡ଼ି

ଐତିହାସିକ ବଳଦଯାତ୍ରାକୁ ଆଉ ଦୁଇଦିନ। ବାଣିଜ୍ୟ ପରମ୍ପରାକୁ ନେଇ ସମୃଦ୍ଧ ଏହି ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି ଭୁବନ। ଉଜ୍ଜ୍ୱଳ ଆଲୋକମାଳା, ସୁଉଚ୍ଚ ତୋରଣରେ ନୂଆବୋହୂ ପରି ଅଞ୍ଚଳ ସଜେଇ ହେଉଥିବାବେଳେ ଘରେ ଘରେ ଆରମ୍ଭ ହେଲାଣି ବନ୍ଧୁବାନ୍ଧବଙ୍କ ଭିଡ଼। ଚଳିତବର୍ଷ ଭୁବନରେ ୧୧ଟି ମଣ୍ଡପରେ ମା’ ଦୁର୍ଗତିନାଶିନୀଙ୍କ ଦୁର୍ଗାଙ୍କ ଆବାହନ କରାଯାଉଛି। ଅନ୍ୟପଟେ ମଙ୍ଗଳବାର ଆନନ୍ଦଉଲ୍ଲାସର ସହ ଶେଷହୋଇଛି ମା’ଙ୍କ ସପ୍ତମୀ ପୂଜା । ଏଥର ଯାତ୍ରାର ଶୋଭାବର୍ଦ୍ଧନ କରିବେ ୩୧ ବଳଦ। ସେମାନଙ୍କୁ ବାଜାବାଣ ସହ ଅଭ୍ୟସ୍ତ କରିବାକୁ ମାସେ ପୂର୍ବରୁ ଆରମ୍ଭ ହୋଇଥିବା ଅଭ୍ୟାସ ଯାତ୍ରା ଶେଷହୋଇଛି। ୧୯୪୬ରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜାରେ ଚଳିତବର୍ଷ ବାଜିବନି ଡିଜେ ସାଉଣ୍ଡ। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପ୍ରଶାସନ ଏବଂ ଶାନ୍ତି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅଞ୍ଚଳର ଅନ୍ୟତମ ପୁରାତନ ଦୁର୍ଗାମଣ୍ଡପ ଦେଶମେଢ଼ର ୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ଏ ବର୍ଷ ହରପାର୍ବତୀ ମେଢ଼, ହରପାର୍ବତୀ ସେଣ ସାହି, କ୍ଲାସିକ୍ କ୍ଲବ, ନୂଆଭୁବନ, ବାଜି ଛକ, ହାଟୁଆ ଦୁର୍ଗାମେଢ଼, ପୋଥାଳ ସାହି, ଦୁର୍ଗାବଜାର, ଗଡ଼ଗହମପୁର ପୂଜା ମଣ୍ଡପରେ ମା’ଙ୍କ ପୂଜା କରାଯାଉଛି। ପାରମ୍ପରିକ ନୃତ୍ୟ, ଘୋଡ଼ାନାଚ, ଘୁମୁରା, ଦାସକାଠିଆ ଏବଂ ସ୍ଥାନୀୟ କଳାକାରଙ୍କ ଭଜନ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ପୁରାତନ ବନଦୁର୍ଗା ମେଢ଼ରେ ଅଳଙ୍କାର ସାଜିଛି ପ୍ରମୁଖ ଆକର୍ଷଣ। ରୁପା ଅଳଙ୍କାରରେ ଝଟକୁଛନ୍ତି ପାର୍ଶ୍ୱ ଦେବଦେବୀ। ଶୁକ୍ରବାର ହେଉଛି ଅନୁକୂଳ ଯାତ୍ରା। ଚଳିତବର୍ଷ ମଧ ଏହି ପରମ୍ପରାକୁ ଆଗକୁ ନେବେ ଥୋରିଆ ସମ୍ପ୍ରଦାୟର ଲୋକେ। ଥୋରିଆଙ୍କ ଦ୍ୱାରା ଯାତ୍ରା ଶୁଭାରମ୍ଭ ହେବ। ଏହି ଅବସରରେ ଏକ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରେ ପହଞ୍ଚିବ। ଏଥିରେ ସମସ୍ତ ବଳଦ ସାମିଲ ହେବେ। ବଡ଼ହାଟରେ ସମସ୍ତଙ୍କୁ ପୂଜାର୍ଚ୍ଚନା କରାଯିବ। ପରମ୍ପରା ଅନୁଯାୟୀ ଥୋରିଆ, ବଣିଆ ସମ୍ପ୍ରଦାୟ ପକ୍ଷରୁ ଲୁଣ ମାପ କରାଯିବା ପରେ ଯାତ୍ରା ସମ୍ପୂର୍ଣ୍ଣ ହେବ। ସେହିପରି ଶନିବାର ଭସାଣି ଯାତ୍ରା ଅବସରରେ ସନ୍ଧ୍ୟା ୭ଟାରେ ପାଲାମଣ୍ଡପରେ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହେବ। ବଳଦ କମିଟି କର୍ମକର୍ତ୍ତାମାନେ ନିଜ ନିଜ ସୁବିଧା ଅନୁଯାୟୀ, ଗୁଜୁରିହାଟ, ଗୋପାଳମଣ୍ଡପ, ଦୁର୍ଗାଛକରେ ଶୋଭାଯାତ୍ରାରେ ସାମିଲ ହେବେ। ପ୍ରଥମେ ବନଦୁର୍ଗା ମେଢ଼ ବାହାରିବ। ଏହାପରେ ପର୍ଯ୍ୟାୟକ୍ରମେ ଅନ୍ୟ ମେଢ଼ ଏବଂ ଶେଷରେ ଦେଶମେଢ଼ ଶୋଭାଯାତ୍ରାରେ ରହିବ। ରବିବାର ଭୋର୍‌ରେ ନୂଆବଜାରରେ ମେଳଣ କାର୍ଯ୍ୟକ୍ରମ ରହିଛି। ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ବଣିଜାରିଙ୍କ ପାଖରେ ବନ୍ଦାପନା କରାଯାଇ ଯାତ୍ରା ସମ୍ପନ୍ନ କରାଯିବାକୁ ଶାନ୍ତିକମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏସବୁ ଭିତରେ ସୁରକ୍ଷା ପାଲଟିଛି ପ୍ରମୁଖ ପ୍ରସଙ୍ଗ। ପୂଜା କମିଟି, ଯୁବକ ସଂଘର କର୍ମକର୍ତ୍ତାଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ଭସାଣି ଯାଏ ସମସ୍ତ ମଣ୍ଡପରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



ଗୁଜୁରୀହାଟ ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା’ଙ୍କ ମୃଣ୍ମୟୀ ପ୍ରତିମା।

## ସେଲ୍‌ଫି କର୍ଣ୍ଣର



@ ଚର୍ଚ୍ଚିଲ



@ ଗଗନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

■ଭଏରପୁର ଶାଖା କେନାଲରେ ଘାଇ

# ବାଇସିଂହାରେ ପଶିଲା ପାଣି

**କାମାକ୍ଷାନଗର,୧୬।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗର ପଞ୍ଚାୟତ ଅଧୀନ ବାଇସିଂହା ଗ୍ରାମ ନିକଟ ଦେଇ ଯାଇଥିବା ରେଙ୍ଗାଲି ଭଏରପୁର ଶାଖା କେନାଲରେ ମଙ୍ଗଳବାର ସକାଳେ ଘାଇ ସୃଷ୍ଟି ହୋଇଛି। ଫଳରେ ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଜନବସତିରେ ୨ଫୁଟ ପାଣି ମାଡ଼ିଯାଇଛି। ସେହିପରି କେତେଜଣ ବ୍ୟକ୍ତିଙ୍କ ଘରେ ମଧ ପାଣି ପଶିଯାଇଥିବା ଅଭିଯୋଗ ହୋଇଛି। ଶାଖା କେନାଲରୁ ବିଲକୁ ପାଣି ମାଡୁଥିବା ବେଳେ ହଠାତ୍ ଘାଇ ସୃଷ୍ଟି ହୋଇ ଗାଁ ଭିତରେ ପାଣି ପଶିଯାଇଥିଲା। ଦଶହରା ଛୁଟି ଥିବାରୁ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଶେଷରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ବନ୍ଧ ବାନ୍ଧି ପାଣି ଅଟକାଇଥିଲେ। ଏହାକୁ ନେଇ ଅଞ୍ଚଳବାସୀଙ୍କ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଦୁର୍ବଳ କେନାଲ ବନ୍ଧକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



■ବିନା ସଂଯୋଗରେ ବିଦ୍ୟୁତ୍ ବିଲ୍

# କାର୍ଯ୍ୟାଳୟରେ ପ୍ରତିବାଦ କଲେ ଉପଭୋକ୍ତା

**ପରଜଙ୍ଗ, ୧୬।୧୦(ଡି.ଏନ.ଏ.)**

ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନି। ଅଥଚ ଆସିଛି ବିଲ୍। ଏହାର ପ୍ରତିବାଦ କରିଛନ୍ତି ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ପଞ୍ଚାୟତ ଅଧୀନ ଶୁଣ୍ଡିକାଟେଣୀ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା। ତୁରନ୍ତ ବିଦ୍ୟୁତ୍ ସଂଯୋଗ ପ୍ରଦାନ ଏବଂ ବିଲ୍ ସଂଶୋଧନ କରିବାକୁ ଦାବି କରି ସେମାନେ ମଙ୍ଗଳବାର ବିଭାଗୀୟ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ।

ଅଭିଯୋଗ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ‘ସୌଭାଗ୍ୟ’ ଯୋଜନାରେ ଏପରି ଅନିୟମିତତା ହୋଇଛି। ଏକ ଠିକାସଂସ୍ଥା ଉପଭୋକ୍ତାଙ୍କଠାରୁ ଆଧାରକାର୍ଡ ସମେତ ଅନ୍ୟ ପରିଚୟପତ୍ର ସଂଗ୍ରହ କରି ବିଦ୍ୟୁତ୍ ସଂଯୋଗ ଦେଉଛି। ତେବେ ବିଦ୍ୟୁତ୍ ସଂଯୋଗ ଦେବା ନିମନ୍ତେ ୧୦୦ ଟଙ୍କା ଏବଂ କିଟ୍ ପାଇଁ ୫୦୦ ଟଙ୍କା ଆଦାୟ କରାଯାଇଛି। କେଉଁଠି ଖାଲି ତାର ଟଣାଯାଇଛି ତ ଅନ୍ୟ କେଉଁ ସ୍ଥାନରେ ବସିଛି କେବଳ ବୋର୍ଡ। ଚଳିତମାସରେ ବିଭାଗ ତରଫରୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ୩୦ରୁ ଊର୍ଦ୍ଧ୍ୱ ପରିବାରକୁ ୨୩୧୪ ଟଙ୍କା ଲେଖାଏଁ ବିଲ୍ ରସିଦ ଦିଆଯାଇଛି। ଏହାପରେ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉପଭୋକ୍ତାମାନେ ମଙ୍ଗଳବାର ପରଜଙ୍ଗସ୍ଥିତ ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସୁବାସ କାଣ୍ଡି, ସୁକାନ୍ତି କାଣ୍ଡି, ରତ୍ନାକର ବିଶ୍ୱାଳ, ଗୋପବନ୍ଧୁ ବିଶ୍ୱାଳ, ତ୍ରିପୁର ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ସହକାରୀ ଏସ୍‌ଡିଓ ଦୀପକ ଦାସ କୁହନ୍ତି। ସପ୍ତାହକ ମଧ୍ୟରେ ସମସ୍ତ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ଏଥିସହ ବିଲ୍ ସଂଶୋଧନ ମଧ କରାଯିବ। ଏ ବାବଦରେ ଠିକାଦାରଙ୍କୁ ଟଙ୍କାପଇସା ନ ଦେବାକୁ ସେ ପରାମର୍ଶ ଦେଇଛନ୍ତି।



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଉପଭୋକ୍ତାମାନେ ପ୍ରତିବାଦ କରୁଛନ୍ତି।

## ଧରିତ୍ରୀ DHARITRI Puja Quiz- 2018

Quiz No.5

**Main Sponsor** TVS
**Co-Sponsors** CENTRAL, Nikon

☑ Tick mark the box which is correct

୧. ଭାରତର ‘ଗଜଲ ରାଣୀ’ କାହାକୁ କୁହାଯାଏ ?
କ. ବେଗମ ଅଖତର ☐ ଖ. ନୁର ଜହାଁ ☐ ଗ. ଲତା ମଙ୍ଗେସକର ☐ ଘ. କେଉଁଟି ନୁହେଁ ☐

୨. ରାଜସ୍ଥାନରେ ଅନୁଷ୍ଠିତ ହେଉଥିବା ପୃଥିବୀ ପ୍ରସିଦ୍ଧ ପଶୁମେଳା (ଓଟ)ର ନାମ କ’ଣ ?
କ. ବୈଶାଖୀ ☐ ଖ. ମକର ☐ ଗ. ପୁଷ୍କର ☐ ଘ. କେଉଁଟି ନୁହେଁ ☐

୩. ମହାକୁମ୍ଭ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ?
କ. ବାରାଣସୀ ☐ ଖ. ଆଲ୍ଲାହାବାଦ ☐ ଗ. ଗୟା ☐ ଘ. କେଉଁଟି ନୁହେଁ ☐

୪. ଅଲ୍ଲି ଆକବର ଖାନ୍ କେଉଁ ବାଦ୍ୟଯନ୍ତ୍ର ସହ ସମ୍ପୃକ୍ତ ?
କ. ସରୋଦ ☐ ଖ. ତବଲା ☐ ଗ. ଢୋଲ ☐ ଘ. କେଉଁଟି ନୁହେଁ ☐

୫. ନୋବେଲ ଶାନ୍ତି ପୁରସ୍କାର କେଉଁ ସହରରେ ଦିଆଯାଏ ?
କ. ଜେନେଭା ☐ ଖ. ଓସ୍‌ଲୋ ☐ ଗ. ଷ୍ଟକ୍‌ହୋମ ☐ ଘ. କେଉଁଟି ନୁହେଁ ☐

Participant's Name:..................................................
Address:..................................................
..................................................
Education ..................................................
Mobile.......................................Age:............
E-mail:..................................................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

**Prizes: 1st** - TVS Apache 160cc **2nd** - TVS Jupiter Scooter, **3rd** - TVS Scooty Pep+,
**Consolation Prizes :** Gift Vouchers from CENTRAL, Digital Cameras from NIKON
**Cut this coupon and send it to the following address:**
**DHARITRI Puja Quiz No. 5**
**B-15, Industrial Estate, Rasulgarh, Bhubaneswar-10**




